# ସିଟି କଲେଜରେ ଏନ୍‌ଏସ୍‌ଏସ୍ ଦିବସ



କଟକ,୨୪।୯(ବ୍ୟୁରୋ): ନେତାଜୀ ସୁବାସ ମେମୋରିଆଲ୍ ସିଟି କଲେଜରେ ଏନ୍‌ଏସ୍‌ଏସ୍ ଦିବସ ଓ ନୂତନ ସ୍ୱେଚ୍ଛାସେବୀଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଟ୍ ମି, ବଟ୍ ୟୁ ଅର୍ଥାତ୍ ମୁଁ ନୁହେଁ, ତୁମେ ମୂଳମନ୍ତ୍ରକୁ ଆଧାରକରି ସମାଜସେବା, ଯୁବ ସଶକ୍ତୀକରଣ ଓ ସାମାଜିକ ଦାୟିତ୍ୱବୋଧ ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। କଲେଜ ଅଧ୍ୟକ୍ଷା ଡ. ରୀନା ଘଡ଼େଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ତଥା ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ. ଅନନ୍ୟା ଅସ୍ମିତା ସ୍ୱାଗତ ଭାଷଣ ଦେଇ ଏନ୍‌ଏସ୍‌ଏସ୍‌ର ଇତିହାସ ଓ ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ସିଏଚ୍‌ଏସ୍‌ଇ ପ୍ରୋଗ୍ରାମ କୋ-ଅର୍ଡିନେଟର ଡ. ବିଶ୍ୱମୋହନ ଜେନା ଯୋଗଦେଇ ଏନ୍‌ଏସ୍‌ଏସ୍ ମାଧ୍ୟମରେ ଶିକ୍ଷାନୁଷ୍ଠାନ ଓ ସମାଜ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ତଥା ରାଜନୀତି ବିଜ୍ଞାନ ଅନର୍ସ ଛାତ୍ର ଆଦିତ୍ୟ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଡ. ପ୍ରାଚୀପ୍ରଭା ସେଣ୍ଠ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ସ୍ମିତା ଦାଶ, ଅଧ୍ୟାପିକା ସୁଭାଶ୍ରୀ ସେନାପତି, ଦେବାଶିଷ ମହାନ୍ତି ପ୍ରମୁଖଙ୍କ ସହିତ ବହୁ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ସକାଳ
THE SAKALA
Kataka - 25 Sep 2026 - Page 5

# ଏନ୍ଏସ୍ଏମ୍ ସିଟି କଲେଜରେ ଏନ୍ଏସ୍ଏସ୍ ଦିବସ



**କଟକ,୨୪।୯ (ସମିସ):** ନେତାଜୀ ସୁଭାଷ ମେମୋରିଆଲ୍ (ଏନ୍ଏସ୍ଏମ୍) ସିଟି କଲେଜରେ ଏନ୍ଏସ୍ଏସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ସ୍ୱେଚ୍ଛାସେବୀଙ୍କ ନିମନ୍ତେ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଯୁବପିଢ଼ି ମଧ୍ୟରେ ସେବା ମନୋଭାବ, ସାମାଜିକ ଦାୟିତ୍ୱ ଓ ନେତୃତ୍ୱର ଗୁଣ ବିକଶିତ କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରୋଗ୍ରାମ ଅଫିସର ତଥା ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ. ଅନନ୍ୟା ଅସ୍ମିତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସିଏଚଏସଇ ପ୍ରୋଗ୍ରାମ୍ କୋଅର୍ଡିନେଟର ଡ. ବିଶ୍ୱମୋହନ ଜେନା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ରୀନା ଘଡ଼େଇ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶେଷରେ ଡ. ପ୍ରାଚୀ ପ୍ରଭା ସେଣ୍ଠ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସ୍ୱେଚ୍ଛାସେବୀ ତଥା ଛାତ୍ର ଆଦିତ୍ୟ ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପରେ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଏକ ସାମାଜିକ ସଚେତନତାଧର୍ମୀ ନାଟକ ପରିବେଷିତ ହୋଇଥିଲା। ପ୍ରଶାସନିକ ବର୍ସାର ଦେବାଶିଷ ମହାନ୍ତି, ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ସ୍ମିତା ଦାଶ, ଗଣିତ ବିଭାଗ ଅଧ୍ୟାପିକା ସୁଭାଶ୍ରୀ ସେନାପତିଙ୍କ ସମେତ ବହୁ ଅଧ୍ୟାପକଅଧ୍ୟାପିକା ଯୋଗ ଦେଇଥିଲେ।

ସକାଳ THE SAKALA